# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**29 October - 2024**

**News Editor : Itishree Singh Rathaur**

**********************************

## ମୁଖ୍ୟ ସମ୍ବାଦ

- ଧନ୍ୱନ୍ତରୀ ଜୟନ୍ତୀ ଓ ନବମ ଆୟୁର୍ବେଦ ଦିବସ ଅବସରରେ ୧୨ ହଜାର ୮୫୦ କୋଟି ଟଙ୍କାର ବିଭିନ୍ନ ସ୍ୱାସ୍ଥ୍ୟଭିତ୍ତିକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କଲେ ପ୍ରଧାନମନ୍ତ୍ରୀ

— ବରଗଡ଼ରେ ଉଦ୍‌ଘାଟିତ ହେଲା କ୍ରିଟିକାଲ କେୟାର ବ୍ଲକ୍

- ଦେଶର ଏକତା ଓ ଅଖଣ୍ଡତା ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବା ଲାଗି ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ

- ରାଜ୍ୟର ସବୁ ପଞ୍ଚାୟତରେ ପ୍ରତିଷ୍ଠା ହେବ ଆରୋଗ୍ୟ ମନ୍ଦିର

ଏବଂ

- ରାଜ୍ୟରେ ପ୍ରଥମ ସବ୍‌ମେରାଇନ୍ କେବଲ୍ ଲ୍ୟାଣ୍ଡିଂ ଷ୍ଟେସନ୍ ସ୍ଥାପନ ନିମନ୍ତେ ବୈଠକ ଅନୁଷ୍ଠିତ

## ପିଏମ୍-ଧନ୍ୱନ୍ତରୀ ଜୟନ୍ତୀ

ଧନ୍ୱନ୍ତରୀ ଜୟନ୍ତୀ ଓ ନବମ ଆୟୁର୍ବେଦ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ୧୨ ହଜାର ୮୫୦ କୋଟି ଟଙ୍କାର ବିଭିନ୍ନ ସ୍ୱାସ୍ଥ୍ୟଭିତ୍ତିକ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି। ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ୭୦ ବର୍ଷ ବୟସରୁ ଅଧିକ ବରିଷ୍ଠ ନାଗରିକମାନଙ୍କୁ ମୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ଶ୍ରୀ ମୋଦୀ ସମ୍ପ୍ରସାରିତ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଶ୍ରୀ ମୋଦୀ ବରଗଡ଼ରେ ଏକ କ୍ରିଟିକାଲ୍ କେୟାର ବ୍ଲକ୍‌ର ଆଭାସୀ ଜରିଆରେ ଉଦ୍‌ଘାଟନ କରିଛନ୍ତି।

## ଏକତା ଦିବସ

ସର୍ଦ୍ଦାର ପଟେଲଙ୍କ ଆଦର୍ଶରେ ଦେଶର ଏକତା ଓ ଅଖଣ୍ଡତା ପାଇଁ ପ୍ରତ୍ୟେକ ନାଗରିକ ସଂକଳ୍ପବଦ୍ଧ ହୋଇ କାମ କରିବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଆଜି କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ 'ଏକତା ଦୌଡ'ର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଷ୍ଟ୍ରୀୟ ଏକତା ପାଇଁ ଶପଥ ପାଠ କରାଇଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରାୟ ୩ ହଜାର ପିଲା, କ୍ରୀଡା ଛାତ୍ରାବାସର ଛାତ୍ରଛାତ୍ରୀ ଓ ବିଭିନ୍ନ କ୍ରୀଡା ସଂଗଠନର ପିଲାମାନେ ଯୋଗଦେଇ ଦୌଡରେ ଭାଗ ନେଇଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ଦୌଡରେ ସାମିଲ ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ଦେଶର ଏକତା ପାଇଁ ସର୍ଦ୍ଦାର

ପଟେଲ ସମର୍ପିତ ହୋଇ ଏକ ଅଖଣ୍ଡ ଭାରତର ମୂଳଦୁଆ ସ୍ଥାପନ କରି ଦେଶୀୟ ରାଜ୍ୟ ମାନଙ୍କର ସମ୍ମିଶ୍ରଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, କ୍ରୀଡା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ ମନ୍ତ୍ରୀ ମଣ୍ଡଳର ଅନ୍ୟ ସଦସ୍ୟ ଓ ବିଧାୟକମାନେ ଯୋଗଦେଇଥିଲେ।

## ବନକଲାଗି

**ପୁରୀ** ଶ୍ରୀମନ୍ଦିରରେ ଆସନ୍ତାକାଲି କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ତିଥିରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ତେଣୁ ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବାପରେ ଅପରାହ୍ନ ୫ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ୫ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ସେହି ସମୟରେ ଦତ୍ତ ମହାପାତ୍ର ଓ ଦଇତାପତି ସେବକମାନେ ଗୁପ୍ତନୀତି ସମ୍ପାଦନ କରିବେ।

## ଦୀପାବଳି ଗାଇଡ୍‌ଲାଇନ୍

ରାଜ୍ୟରେ ସୁରକ୍ଷିତ ଭାବେ ଦୀପାବଳି ପାଳନ ନେଇ ପୁଲିସ୍ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ସୂଚନା ଅନୁଯାୟୀ, ଦୀପାବଳି ଦିନ ରାତି ୧୦ଟା ମଧ୍ୟରେ ବାଣ ଫୁଟାଇବା ପାଇଁ ଅନୁମତି ଦିଆଯିବ। ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆ ପ୍ରଦୂଷଣମୁକ୍ତ ସବୁଜ ବାଣ ବ୍ୟବହାର ସହ ପାରମ୍ପରିକ ଦୀପାବଳି ପାଳନ କରିବାକୁ ଅନୁରୋଧ କରିଛନ୍ତି। ଚୋରା ବାଣ ବିକ୍ରୀ ପ୍ରତି ସଜାଗ ରହିବାକୁ ରାଜ୍ୟର ସମସ୍ତ ଆରକ୍ଷୀ ଅଧିକ୍ଷକମାନଙ୍କୁ

ନିର୍ଦ୍ଦେଶ ଦିଆଯାଇଛି । କୌଣସି ପ୍ରକାର ଅଘଟଣକୁ ଏଡାଇବା ପାଇଁ ଅଗ୍ନିଶମ ବିଭାଗକୁ ସତର୍କ ରହିବାକୁ କୁହାଯାଇଥିବା ଜଣାପଡିଛି ।

## ଦୁର୍ନୀତି ନିବାରଣ ସପ୍ତାହ

**ଗଞ୍ଜାମ** ଜିଲ୍ଲାରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଆରମ୍ଭ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି ଓ ଅନ୍ୟ ଅଧିକାରୀମାନେ ଦୁର୍ନୀତି ବିରୋଧରେ ଶପଥପାଠ କରିଛନ୍ତି । ଜିଲ୍ଲାର ଲକ୍ଷ୍ମୀ ନାରାୟଣ ସ୍ନାତକ ମହାବିଦ୍ୟାଳୟରେ ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ଶପଥପାଠ କରିବା ସହ ଏକ ସପ୍ତାହବ୍ୟାପୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହେବ ବୋଲି ଜଣାପଡିଛି ।

**ଢେଙ୍କାନାଳ** ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁର୍ନୀତି ନିବାରଣ ସଚେତନା ସପ୍ତାହ ପାଳନ ଅବସରରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ଏବଂ ମିଶନ ଶକ୍ତି ବିଭାଗର ମିଳିତ ସହଯୋଗରେ ଛାତ୍ରଛାତ୍ରୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟମାନଙ୍କୁ ନେଇ ଆୟୋଜିତ ଶୋଭାଯାତ୍ରାକୁ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।

## ବିପର୍ଯ୍ୟୟ ପ୍ରସ୍ତୁତି-ମାରାଥନ୍

**ନୟାଗଡ଼** ଜିଲ୍ଲାରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକ ମାରାଥନ ଅନୁଷ୍ଠିତ ହୋଇଛି। ଏଥିରେ ବିପର୍ଯ୍ୟୟ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା ସହ ୧୯୯୯ ମହାବାତ୍ୟାରେ ପ୍ରାଣ ହରାଇଥିବା ଲୋକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିପର୍ଯ୍ୟୟ ସମୟରେ ନିଜକୁ ରକ୍ଷା କରିବା ସହ ଅନ୍ୟକୁ ରକ୍ଷା କରିବାର ଆବଶ୍ୟକତା ଏବଂ ଧନଜୀବନ ସୁରକ୍ଷା ସମ୍ପର୍କରେ ଅତିଥିମାନେ ବୁଝାଇଥିଲେ। ଆୟୋଜିତ ମାରାଥନ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଓ ଜିଲ୍ଲା ପ୍ରଶାସନ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

## ବିପର୍ଯ୍ୟୟ ପ୍ରଶମନ ଦିବସ

**ସୁବର୍ଣ୍ଣପୁର** ଜିଲ୍ଲା ପ୍ରଶାସନ ପକ୍ଷରୁ ଓଡିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଦିବସକୁ ନେଇ ଏକ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ରୟାଲ ପଡ଼ିଆଠାରୁ ଆରମ୍ଭ ହୋଇଥିବା ମାରାଥନ ସୁବର୍ଣ୍ଣପୁର ସହରର ଭୀମଭୋଇ ଛକ,ଆମ୍ବେଦକର ଛକ ଦେଇ ଗାନ୍ଧୀ ପଡିଆଠାରେ ପହଞ୍ଚିଥିଲା । ଜିଲ୍ଲାପାଳ ଅନ୍ୟା ଦାସ ସବୁଜ ପତାକା ଦେଖାଇ ଏହି ମାରାଥନକୁ ଉଦଘାଟନ କରିଥିବାବେଳେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସତର୍କତା ଓ ପରିଚାଳନା ଉପରେ ସମସ୍ତେ ଧ୍ୟାନ ଦେବାକୁ ଆହ୍ୱାନ ଦେଇଥିଲେ।

**ନବରଙ୍ଗପୁର** ଜିଲ୍ଲାରେ ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ହ୍ରାସ ଦିବସ ପାଳିତ ହୋଇଯାଇଛି। ଏ ନେଇ ଏକ ଗଣଦୌଡ଼ର ଆୟୋଜନ

କରାଯାଇଥିଲା। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବିପର୍ଯ୍ୟୟ ହ୍ରାସର ବିଭିନ୍ନ ଉପାୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଧାୟକ ଶ୍ରୀ ମାଝୀ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥଇବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ଆୟୁର୍ବେଦ-ସ୍ୱାସ୍ଥ୍ୟମନ୍ତ୍ରୀ

ରାଜ୍ୟର ସବୁ ପଞ୍ଚାୟତରେ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା କରାଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି। ସେ କହିଛନ୍ତି, ଓଡ଼ିଶାରେ ୬ ହଜାର ୫୦୦ ଗ୍ରାମ ପଂଚାୟତ ରହିଛି। ସେଥିମଧ୍ୟରୁ ୨ ହଜାରଟି ପଞ୍ଚାୟତରେ ଏହି କାର୍ଯ୍ୟ ଆରମ୍ଭ କରାଯାଇଛି। ଆସନ୍ତା ୫ ବର୍ଷ ମଧ୍ୟରେ ଆରୋଗ୍ୟ ମନ୍ଦିର ସ୍ଥାପନ ପାଇଁ ଲକ୍ଷ୍ୟ ରଖାଯାଇଛି। ଡକ୍ଟର ମହାଲିଙ୍ଗ କହିଛନ୍ତି, ରାଜ୍ୟରେ ଆୟୁର୍ବେଦ ଏବଂ ପ୍ରାକୃତିକ ଚିକିତ୍ସାର ପ୍ରସାର ନିମନ୍ତେ ଆୟୁର୍ବେଦ ଓ ହୋମିଓପ୍ୟାଥିକ କଲେଜକୁ ସୁଦୃଢ଼ କରାଯିବ। ଏହାଛଡା ପିଏଚସି ଓ ସିଏଚସି ସ୍ତରରେ  ହୋମିଓପାଥି ଔଷଧ ରଖାଯିବ ବୋଲି ସେ କହିଛନ୍ତି।

## ହାଇସ୍ପିଡ୍ ଇଣ୍ଟରନେଟ

ରାଜ୍ୟବାସୀଙ୍କୁ ଉଚ୍ଚଗତିଯୁକ୍ତ ଇଣ୍ଟରନେଟ ସୁବିଧା ଯୋଗାଇ ଦେବା ନିମନ୍ତେ ପୁରୀ ଠାରେ ଆଧୁନିକ ଜ୍ଞାନକୌଶଳ ଯୁକ୍ତ ସବମେରାଇନ୍ କେବୁଲ

ଲ୍ୟାଣ୍ଡିଂ ଷ୍ଟେସନ ସ୍ଥାପନ ଉଦ୍ଦେଶ୍ୟରେ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ଦ୍ୱାରା ଆୟୋଜିତ ବୈଠକ ରେ ବିଭାଗୀୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ କହିଛନ୍ତି, ଏହା ଓଡ଼ିଶାର ପ୍ରଥମ ସବମେରାଇନ୍ କେବୁଲ ଲ୍ୟାଣ୍ଡିଂ ଷ୍ଟେସନ ହେବ। ଏହା ଦ୍ୱାରା ରାଜ୍ୟବାସୀଙ୍କୁ ଉନ୍ନତ ଇଣ୍ଟରନେଟ ସେବା ମିଳିପାରିବ ଯାହା ୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶା ଗଠନର ସ୍ୱପ୍ନକୁ ଆଉ ପାଦେ ଆଗେଇ ନେବ ବୋଲି ମନ୍ତ୍ରୀ ଡକ୍ଟର ମହାଲିଙ୍ଗ କହିଛନ୍ତି।

## ଡିଜିପି ସାକ୍ଷାତ

ଓଡିଶା କ୍ୟାଡରର ୨୦୨୨ ବ୍ୟାଚର ଭାରତୀୟ ପୋଲିସ୍ ସେବା ପ୍ରଶିକ୍ଷାର୍ଥୀମାନେ ଆଜି ପୋଲିସ୍ ମହାନିର୍ଦ୍ଦେଶକ ୱାଇ.ବି.ଖୁରାନିଆଙ୍କୁ ସାକ୍ଷାତ କରିଛନ୍ତି। ଆଲୋଚନା ସମୟରେ ଡିଜିପି ଖୁରାନିଆ ପୋଲିସ୍ ଅଧିକାରୀମାନଙ୍କୁ ପେଶାଦାର ଭୂମିକା ଅବଲମ୍ବନ କରିବା ସହ ସତ୍ୟନିଷ୍ଠାର ସହ କାମ କରିବାକୁ ପରାମର୍ଶ ଦେଇଥିଲେ। ସେ ନୂତନ ଅଧିକାରୀମାନଙ୍କୁ ସେମାନଙ୍କର ସମଗ୍ର ଜୀବନରେ ଏହି ମୂଲ୍ୟବୋଧକୁ ଅନୁସରଣ କରିବା ପାଇଁ କହିବା ସହ ରାଜ୍ୟବାସୀଙ୍କୁ ସମର୍ପଣ ଏବଂ ପ୍ରତିବଦ୍ଧତା ସହିତ ସେବା ଯୋଗାଇଦେବାକୁ କହିଥିଲେ।

## ବିପର୍ଯ୍ୟୟ ପ୍ରଶମନ

ରାଜ୍ୟରେ ବିପର୍ଯ୍ୟୟର ମାତ୍ରା ହ୍ରାସ କରିବା ଲାଗି ପ୍ରସ୍ତୁତି ଆରମ୍ଭ ହୋଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଏ ନେଇ ରାଜ୍ୟ ସରକାର ବିଶେଷଜ୍ଞମାନଙ୍କ ସହ ଆଲୋଚନା ଆରମ୍ଭ କରିଛନ୍ତି। ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ବିପର୍ଯ୍ୟୟ ସମ୍ପର୍କିତ ଏକ ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ବିପର୍ଯ୍ୟୟ ହ୍ରାସ ଲାଗି ବାତ୍ୟା ପ୍ରଭାବିତ ଅଂଚଳଗୁଡ଼ିକରେ ହେନ୍ତାଳ ବଣ ସୃଷ୍ଟି କରିବା ନେଇ ପଦକ୍ଷେପ ନିଆଯିବ।

## ଓଡ଼ିଶା ଆସିବେ ୫ ବାଘୁଣୀ

ରାଜ୍ୟରେ ବାଘ ବଂଶ ବୃଦ୍ଧି ଲାଗି ମହାରାଷ୍ଟ୍ରରୁ ଆଉ ୫ଟି ବାଘୁଣୀ ଅଣାଯିବ। ବର୍ତ୍ତମାନ ଶିମିଳିପାଳରେ ଗୋଟିଏ ବାଘୁଣୀ ଛଡାଯାଇଛି। ଖୁବ କମ ଦିନ ମଧ୍ୟରେ ଶିମିଳିପାଳରେ ଆଉ ଗୋଟିଏ ବାଘୁଣୀ ଛଡା ଯିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି।

## ଭୋଟର ସଚେତନତା

**ସମ୍ବଲପୁର** ଜିଲ୍ଲା ପ୍ରଶାସନ ପକ୍ଷରୁ ଭୋଟର ସଚେତନତା ଲାଗି ଆଜି ସକାଳେ ପଦୋତ୍ସବ ଓ ୱାକାଥନ ଆୟୋଜିତ ହୋଇଯାଇଛି। ଜିଲ୍ଲା ସ୍କୁଲ ଛକ ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନେ ପଦଯାତ୍ରା କରିବା ସହ ପଥପ୍ରାନ୍ତ ନାଟକ, ନୃତ୍ୟ, କୁଇଜ୍ ପ୍ରତିଯୋଗିତା ଓ

ରଙ୍ଗୋଲି ଚିତ୍ରରେ ସାମିଲ ହୋଇଥିଲେ। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ଭୋଟର ତାଲିକା ସଂଶୋଧନ, ପଞ୍ଜୀକରଣ ଏବଂ ଭୋଟଦାନ ଆଦି ପ୍ରସଙ୍ଗରେ ଲୋକମାନଙ୍କୁ ସଚେତନ କରାଯାଇଥିଲା।

**ନୟାଗଡ**ରେ ଜିଲାସ୍ତରୀୟ ପଥୋତ୍ସବ ଓ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଅନୁଷ୍ଠିତ ହୋଇଯାଇଛି। ଭୋଟରମାନଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଓ୍ୱାକାଥନ କରାଯାଇଥିଲା। ସୂଚନା ଅନୁଯାୟୀ, ଜିଲ୍ଲାରେ ଆଜିଠାରୁ ଏକ ମାସ ପର୍ଯ୍ୟନ୍ତ ଭୋଟର ତାଲିକା ସଂଶୋଧନ କରାଯିବ। ପଥୋତ୍ସବ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ଅଭିଯାନକୁ ନେଇ **ସୁବର୍ଣ୍ଣପୁର** ଜିଲ୍ଲା ସଦର ମହକୁମା ଓ ବୀରମହାରାଜପୁରଠାରେ ପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆଜିଠାରୁ ଆଗାମୀ ନଭେମ୍ବର ୨୮ ତାରିଖ ପର୍ଯ୍ୟନ୍ତ ଏକମାସ ବ୍ୟାପି ସ୍ୱତନ୍ତ ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ପାଇଁ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବହୁବିଧ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ସଂଶୋଧନ ପ୍ରକ୍ରିୟାରେ ନୂତନ ଯୋଗ୍ୟ ଭୋଟର ପଞ୍ଜିକରଣ ସହ ନାମ

ବାଦଦେବା ତଥା ବିବରଣୀରେ ସଂଶୋଧନ ନେଇ ଏକ ମାସ ମଧ୍ୟରେ ଭୋଟର କେନ୍ଦ୍ରମାନଙ୍କରେ ସଂଶୋଧନ କରାଯିବା ନେଇ ସଚେତନତା ସୃଷ୍ଟି କରାଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ ।

ବଲାଙ୍ଗିରର ପାଟଣାଗଡ଼ ଓ ଟିଟିଲାଗଡ଼ ଉପଖଣ୍ଡରେ ଭୋଟର ତାଲିକା ସଂଶୋଧନ ଓ ନୂତନ ନାମ ପଞ୍ଜୀକରଣ ନେଇ ପଥୋତ୍ସବ ମାଧ୍ୟବରେ ଜନ ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଏଥିରେ କଲେଜ୍ ଛାତ୍ରଛାତ୍ରୀମାନେ ସଚେତନତାଧର୍ମୀ ନାଚଗୀତ ଓ ନାଟକ ପରିବେଷଣ କରିଥିଲେ । ଜିଲ୍ଲାପାଳ ଗୌରାଓ୍ୱା ସିଓ୍ୱାଜୀ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ ।

**ଢେଙ୍କାନାଳ** ଜିଲ୍ଲାରେ ଭୋଟର ତାଲିକା ସଂଶୋଧନ ନିମନ୍ତେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ଏ ନେଇ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପଦଯାତ୍ରାରେ ଜିଲ୍ଲା ପ୍ରଶାସନର ଅଧିକାରୀ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ଜନସାଧାରଣ ସାମିଲ ହୋଇଥିଲେ ।

ସେହିପରି **ରାୟଗଡ଼ା** ଜିଲ୍ଲା ପ୍ରଶାସନ ପକ୍ଷରୁ ଭୋଟର ସଚେତନତା ନେଇ ପଥୋତ୍ସବ ଓ ଓ୍ୱାକାଥନ ଆୟୋଜିତ ହୋଇଯାଇଛି । ଏଥିରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ ।

# ରନ୍ ଫର ୟୁନିଟି

**ନବରଙ୍ଗପୁର** ଜିଲ୍ଲାରେ ୧୨ ବାଟାଲିୟନ ସି.ଆର.ପି.ଏଫ. ପକ୍ଷରୁ 'ଫିଟ ଇଣ୍ଡିଆ ରନ-ରନ ଫର ୟୁନିଟି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସିଆରପିଏଫ କମାଣ୍ଡାଣ୍ଟ ଏନ.କେ.କେ.ପ୍ରସାଦ ମୁଖ୍ୟଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନୁଷ୍ଠିତ ଗଣଦୌଡରେ ସିଆରପିଏଫର ଯବାନ ଓ ମହିଳା ପୋଲିସ ଏବଂ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ ।